# ଆଇଆଇପିଏମ୍‌ର ଜାତୀୟ ସେମିନାର ଉଦ୍‌ଘାଟିତ




ରାଉରକେଲା,୨୩/୧୦: ପରିବାର ମଧ୍ୟରୁ ମା' ଯେପରି ନିଜର ପିଲାମାନଙ୍କୁ କିଛି ନୂଆ କରିବାର ଶିକ୍ଷା ଦେଇଥାଏ ସେହିଭଳି ଗ୍ଲୋବାଲ ଅର୍ଥନୀତିରେ ମଧ୍ୟ କିଛି ନୂଆ କରିବାର ଦକ୍ଷତା ଦକ୍ଷ ନେତୃତ୍ୱ ଉପରେ ନିର୍ଭର କରିଥାଏ ବୋଲି ବିପିୟୁଟିର କୁଳପତି ପ୍ରଫେସର ଜୀତେନ୍ଦ୍ର କୁମାର ଶତପଥି ମତବ୍ୟକ୍ତ କରିଛନ୍ତି। ଆଜି କାଂଶବାହାଲସ୍ଥିତ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପକ୍ଷରୁ ଆୟୋଜିତ ଜାତୀୟ ସେମିନାରରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ଅବସରରେ ସେ ଏହା କହିଥିଲେ। ସେ କହିଲେ ଯେ, ସଂପ୍ରତି ଜଗତୀକରଣ ଫଳରେ ଅର୍ଥନୀତି ଏକ ନୂଆ ପରିସ୍ଥିତିର ସମ୍ମୁଖୀନ ହୋଇଛି। ଦକ୍ଷ ନେତୃତ୍ୱ ହିଁ କିଛି ନୂଆ କରିବାର ସୃଷ୍ଟି କରିପାରିବ ବୋଲି ସେ କହିଥିଲେ। ଏଲଏଣ୍ଡଟିର ଉପାଧ୍ୟକ୍ଷ ଏସ.କେ.ଗୁପ୍ତା ସମ୍ମାନୀତ ଅତିଥି ଭାବରେ ଯୋଗଦେଇ ନୂଆ ନୂଆ କମ୍ପାନୀମାନେ ନିଜର ଗୁଣାତ୍ମକ ମାନ ଦ୍ୱାରା ନିଜର ଦକ୍ଷତାକୁ ପ୍ରତିପାଦିତ କରିଥାନ୍ତି ବୋଲି ସେ କହିଥିଲେ। ୧୯୯୧ରେ ଭାରତରେ ଉଦାରୀକରଣ ଅର୍ଥନୀତି ପ୍ରବେଶ କରିବା ପରେ ଭାରତୀୟ ଅର୍ଥନୀତିରେ ପ୍ରତିଦ୍ୱନ୍ଦ୍ୱିତା ମୂଳକ ବଜାର ସୃଷ୍ଟି ହୋଇଥିଲା। ବିଶେଷକରି ବହୁ ରାଷ୍ଟ୍ରୀୟ କମ୍ପାନୀମାନଙ୍କ ପ୍ରବେଶ ଫଳରେ ଏହି ପରିସ୍ଥିତି ଉପୁଜିଥିଲା ବୋଲି ସେ କହିଥିଲେ। ଆଇଆଇପିଏମର ନିର୍ଦ୍ଦେଶକ ଡ଼. ମିହିର ରଞ୍ଜନ ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ ଏହି ଜାତୀୟ ସେମିନାରରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜାତୀୟ ସେମିନାରର ଆବାହକ ଏଫ.ସି. ଷଡ଼ଙ୍ଗୀ ଏହି ଜାତୀୟ ସେମିନାରର ସାରାଂଶ ପ୍ରଦାନ କରିଥିଲେ। ସହଯୋଗୀ ନିର୍ଦ୍ଦେଶକ ଆର.ଏନ.ପାଲ ଧନ୍ୟବାଦ ଅର୍ପଣ କରିଥିଲେ।